# NATIONAL NEWS BULLETIN (ODIA)

**18 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆସାମର ନାଗାଓଁ ଜିଲ୍ଲାରେ କାଜିରଙ୍ଗା ଏଲିଭେଟେଡ୍ କରିଡର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ ।

\- ୨ଟି ନୂତନ ଅମୃତ ଭାରତ ଟ୍ରେନ୍ ଚଳାଚଳର କଲେ ଶୁଭାରମ୍ଭ ।

- ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହାଟ-୨୦୨୬ ନୂଆଦିଲ୍ଲୀରେ ଆରମ୍ଭ ।

\- ଉଦ୍‌ଘାଟନ କଲେ ଏମ୍ଏସ୍ଏମ୍ଇ ମନ୍ତ୍ରୀ ।

- ଭାରତ ତଟରକ୍ଷୀ ବାହିନୀ ଓ ଜାପାନ ତଟରକ୍ଷୀ ବାହିନୀର ମୁମ୍ବାଇଠାରେ ମିଳିତ ଅଭ୍ୟାସ ଅନୁଷ୍ଠିତ ।
- ଇନ୍ଦୋର ଠାରେ ଜାରି ରହିଛି ଭାରତ-ନ୍ୟୁଜିଲାଣ୍ଡ ପୁରୁଷବର୍ଗ ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ।

ଏବଂ

- ଆଗାମୀ ୨ଦିନ ମଧ୍ୟରେ ଉତ୍ତରପଶ୍ଚିମ ଏବଂ ମଧ୍ୟଭାରତରେ ସର୍ବନିମ୍ନ ତାପମାତ୍ରାରେ ୨ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବା ନେଇ ଆକଳନ କରିଛି ପାଣିପାଗ ବିଭାଗ ।

# ପିଏମ୍-ଆସାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ନାଗାଓଁ ଜିଲ୍ଲାର କାଲିଆବୋର୍‌ଠାରେ ୬ହଜାର ୯୫୦ କୋଟିରୁ ଅଧିକ ଟଙ୍କାର କାଜିରଙ୍ଗା ଏଲିଭେଟେଡ୍ କରିଡର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି କାଜିରଙ୍ଗା ଏକ ଜାତୀୟ ଉଦ୍ୟାନ ନୁହଁ ବରଂ ଆସାମର ଆତ୍ମା ଭାବେ ପରିଚିତ । ୟୁନେସ୍କୋ କାଜିରଙ୍ଗାକୁ ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ମାନ୍ୟତା ପ୍ରଦାନ କରିଛି । କିଛିବର୍ଷ ଧରି କାଜିରଙ୍ଗାରେ ପର୍ଯ୍ୟଟକଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Kaliabor Corridor)**

ଶ୍ରୀ ମୋଦୀ କହିଛନ୍ତି ଦେଶରେ ଚାରାରୋପଣ ମାଧ୍ୟମରେ ଜଙ୍ଗଲ କ୍ଷେତ୍ର ବୃଦ୍ଧି ପାଇଛି । ଏକ୍ ପେଡ୍ ମାଁ କେ ନାମ୍ ଅଭିଯାନ ଅଧୀନରେ ବର୍ତ୍ତମାନ ସୁଦ୍ଧା ୨୬୦ କୋଟିରୁ ଅଧିକ ଚାରାରୋପଣ କରାଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରକୃତି ଏବଂ ବିକାଶ ଏକତ୍ର ଗତିଶୀଳ ହୋଇପାରିବ ବୋଲି ଭାରତ ବିଶ୍ୱ ସମ୍ମୁଖରେ ପ୍ରତିପାଦନ କରିପାରିଛି ।

**V/O (PM Ek Ped Maa ke Naam)**

ଜାତୀୟ ରାଜପଥ ପ୍ରକଳ୍ପର ଏହି ଏଲିଭେଟେଡ କରିଡର ପ୍ରକଳ୍ପ ଏକ ଅଂଶବିଶେଷ ହେବା ସହ ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଏହି ପ୍ରକଳ୍ପର ୩୫ କିଲୋମିଟର ଦୀର୍ଘ ରାସ୍ତା କାଜିରଙ୍ଗା ଜାତୀୟ ଉଦ୍ୟାନ ଦେଇ ଗତି କରିବ । ଆଞ୍ଚଳିକ ସଂଯୋଗୀକରଣକୁ

ଉନ୍ନତି କରିବା ସହିତ ପାର୍କର ସମୃଦ୍ଧ ଜୈବ ବିବିଧତାର ସୁରକ୍ଷାକୁ ଏହା ସୁନିଶ୍ଚିତ କରିବ ବୋଲି କୁହାଯାଇଛି । ନାଗାଓଁ, କାର୍ବିଆଙ୍ଗଲଙ୍ଗ ଏବଂ ଗୋଲଘାଟ ଜିଲ୍ଲା ଦେଇ ଯାଉଥିବା ଏହି ପ୍ରକଳ୍ପ ଉପର ଆସାମ ବିଶେଷକରି ଦିବ୍ରୁଗଡ ଏବଂ ତିନସୁକିଆକୁ ଯୋଗାଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ସାବ୍ୟସ୍ତ ହେବ । କାଜିରଙ୍ଗା ଜାତୀୟ ଉଦ୍ୟାନରେ ବନ୍ୟପ୍ରାଣୀଙ୍କ ମୁକ୍ତ ଚଳାଚଳକୁ ଏହା ସୁନିଶ୍ଚିତ କରିବା ସହ ମଣିଷ ଏବଂ ବନ୍ୟାପ୍ରାଣୀ ସଂଘର୍ଷକୁ ହ୍ରାସ କରିବ ବୋଲି କୁହାଯାଇଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଦୁଇଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ଚଳାଚଳକୁ ମଧ୍ଯ ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନ୍‌ଦୁଇଟି କାମାକ୍ଷା-ରୋହତକ୍ ଏବଂ ଦିବ୍ରୁଗଡ-ଲକ୍ଷ୍ନୌ ଗୋମ୍‌ତିନଗରକୁ ସଂଯୋଗ କରିବ ।

---

# ପିଏମ୍ ବିଶ୍ୱକର୍ମା ହାଟ

ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହାଟ ୨୦୨୬ ଆରମ୍ଭ ହୋଇଛି । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତରାମ ମାଞ୍ଝି ଏହାକୁ ଉଦ୍‌ଘାଟନ କରିବା ସହିତ ହାଟରେ ଅଂଶଗ୍ରହଣ କରିଥିବା ହସ୍ତଶିଳ୍ପୀ ଏବଂ ହସ୍ତକଳା କାରିଗରଙ୍କ ସହ ମତ ବିନିମୟ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ମାନ୍‌ଝି କହିଛନ୍ତି ଏହି ଯୋଜନା ଦେଶରେ ବେରୋଜଗାରୀ ଦୂର କରିବାର ଏକ ମାଧ୍ୟମ ପାଲଟିଛି । ଏଥିରେ ଅଂଶଗ୍ରହଣ କରୁଥିବା ହସ୍ତଶିଳ୍ପୀ ଏବଂ କାରିଗରଙ୍କୁ ଶ୍ରୀ ମାନ୍‌ଝି ଉଚ୍ଚ ପ୍ରଶଂସା କରିଛନ୍ତି ।

**V/O (Jitan Ram Manjhi)**

ଉଦ୍‌ଘାଟନୀ ସମାରୋହରେ ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଯୋଗଦେଇ କହିଛନ୍ତି ଏହି ଯୋଜନା କାରିଗରଙ୍କୁ ପ୍ରଯୁକ୍ତିବିଦ୍ୟା ସହାୟତା, ତାଲିମ ଏବଂ ଉପଯୁକ୍ତ ବଜାର ବ୍ୟବସ୍ଥା ପ୍ରଦାନ କରିବାରେ ସହଯୋଗ କରୁଛି । ଆଗାମୀ ଦିନରେ ହସ୍ତକଳା ଏବଂ ହସ୍ତଶିଳ୍ପୀ କାରିଗରମାନେ ଉଦ୍ୟୋଗୀ ଭାବରେ ଉଭା ହେବା ସହ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଯୋଗଦାନ ପ୍ରଦାନ କରିବେ ବୋଲି ରାଷ୍ଟ୍ରପତି କହିଛନ୍ତି ।

ହସ୍ତଶିଳ୍ପ ଏବଂ ହସ୍ତକଳା କାରିଗରଙ୍କର ଉତ୍ପାଦଗୁଡ଼ିକୁ ଜାତୀୟ ଏବଂ ଆନ୍ତର୍ଜାତିକ କ୍ରେତା, ଅନ୍ୟାନ୍ୟ ଅଂଶିଦାର ଓ ସାଧାରଣ ଜନତାଙ୍କ ନିକଟରେ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ଏହା ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ହେବ । ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ୧୦୦ରୁ ଅଧିକ କାରିଗର ଏଥିରେ ଅଂଶଗ୍ରହଣ କରୁଛନ୍ତି । ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ହିତାଧିକାରୀଙ୍କ ପାଇଁ ବଜାର ପ୍ରବେଶକୁ ଅଧିକ ବ୍ୟାପକ କରିବା ତଥା ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଜଣାପଡ଼ିଛି । ଏହି ପ୍ରଦର୍ଶନୀ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ସାଢ଼େ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଏହା ଖୋଲା ରହିବ ।

## ଇଣ୍ଡିଆ-ଜାପାନ କୋଷ୍ଟଗାର୍ଡ

ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଜାପାନ ତଟରକ୍ଷୀ ବାହିନୀ ମୁମ୍ବାଇଠାରେ ଏକ ମିଳିତ ଅଭ୍ୟାସ କରିଛନ୍ତି । ଦ୍ୱିପାକ୍ଷିକ ସାମୁଦ୍ରିକ ସହଭାଗିତା ଏବଂ ଏକ ଉନ୍ମୁକ୍ତ ଭାରତ ପ୍ରଶାନ୍ତ ମହାସାଗର ଦୃଷ୍ଟିକୋଣକୁ

ଏହି ପଦକ୍ଷେପ ପ୍ରତିପାଦିତ କରୁଛି । ଜାପାନ ତଟରକ୍ଷୀ ବାହିନୀର କମାଣ୍ଡାଣ୍ଟ ଆଡମିରାଲ ୟୋସିଓ ସେଗୁଚି ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ସହିତ ଗତକାଲି ଭାରତୀୟ ତଟରକ୍ଷୀ ବାହିନୀର ପଶ୍ଚିମ ଆଞ୍ଚଳିକ ମୁଖ୍ୟାଳୟ ପରିଦର୍ଶନ କରିଥିଲେ । ସେଠାରେ କମାଣ୍ଡର ଇନ୍ସପେକ୍ଟର ଜେନେରାଲ ଭୀସମ ଶର୍ମାଙ୍କ ସହିତ ଆଡମିରାଲ ସେଗୁଚି ସୌଜନ୍ୟମୂଳକ ସାକ୍ଷାତ୍ ଆଲୋଚନା କରିଥିଲେ । ଦ୍ୱିପାକ୍ଷିକ ସହଯୋଗ ଏବଂ ଆନ୍ତଃ କାର୍ଯ୍ୟକ୍ଷମତାର ଗୁରୁତ୍ୱ ଉପରେ ଉଭୟପକ୍ଷ ମତ ବିନିମୟ କରିଥିବା ଜଣାପଡିଛି । ଏହି ଅବସରରେ ବିଭିନ୍ନ ପ୍ରସଙ୍ଗ ଆଧାରିତ ଅଧିବେଶନ, ଅଭ୍ୟାସ ଏବଂ ଆଲୋଚନା ବୈଠକ ଉଭୟପକ୍ଷଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି ।

# ମହାରାଷ୍ଟ୍ର ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ମୋହଲ ଅନ୍ତର୍ଗତ ସୋଲାପୁର ପୁନେ ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ୫ଜଣଙ୍କର ମୃତ୍ୟୁ ହୋଇଛି । ଜଣେ ମହିଳା ଏଥିରେ ଆହତ ହୋଇଛନ୍ତି । ଗତକାଲି ବିଳମ୍ବିତ ରାତିରେ ପାନ୍‌ଭେଲ୍‌ରୁ ଅକାଲକୋଟକୁ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଦ୍ରୁତଗାମି କାର୍ ନିୟନ୍ତ୍ରଣ ହରାଇ ରାସ୍ତାକଡରେ ଗଛରେ ପିଟି ହୋଇଯିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଆହତ ମହିଳାଙ୍କୁ ମୋହଲ ସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତେବେ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ସ୍ଥାନୀୟ ସୁରକ୍ଷା ସଂସ୍ଥା କହିଛି ।

## ୟୁଏସ୍-ସିରିଆ ଆଇଏସ୍ଆଇଏସ୍ କିଲ୍ଡ

ସିରିଆର ଉତ୍ତରପଶ୍ଚିମ ଅଞ୍ଚଳରେ ଆମେରିକା ସେନାର ଆକ୍ରମଣରେ ଅଲ୍କାଏଦା ସହିତ ଜଡିତ ଜଣେ ବରିଷ୍ଠ ନେତାଙ୍କର ମୃତ୍ୟୁ ହୋଇଛି । ଗତମାସରେ ଦୁଇ ଆମେରିକୀୟ ସୈନିକ ଏବଂ ଅନ୍ୟଜଣେ ଅନୁବାଦକଙ୍କୁ ହତ୍ୟା କରିଥିବା ଆଇଏସ୍ଆଇଏସ୍ ଅମ୍ବୁସ୍ ସହ ଏହି ନେତାଙ୍କର ସିଧାସଳଖ ସମ୍ପର୍କ ରହିଥିବା ନେଇ ଆମେରିକା କେନ୍ଦ୍ରୀୟ କମାଣ୍ଡ କହିଛି । ଏପରିକି ଗତ ଡିସେମ୍ବର ୧୩ ତାରିଖରେ ପାଲମିରାରେ ହୋଇଥିବା ଆକ୍ରମଣ ପଛରେ ରହିଥିବା ଆଇଏସ୍ଆଇଏସ୍ ଆତଙ୍କବାଦୀଙ୍କ ସହ ଏହି ବରିଷ୍ଠ ନେତା ସଂଶ୍ଳିଷ୍ଟ ଥିବା ନେଇ କେନ୍ଦ୍ରୀୟ କମାଣ୍ଡ କହିଛି । ଡିସେମ୍ବର ୧୩ ଆକ୍ରମଣରେ ଆମେରିକା ଏବଂ ସିରିଆର ବହୁ ପ୍ରତିରକ୍ଷା କର୍ମଚାରୀ ଆହତ ହୋଇଥିଲେ । କେନ୍ଦ୍ରୀୟ କମାଣ୍ଡ କହିଛି ଆକ୍ରମଣର ପ୍ରତ୍ୟୁତ୍ତରରେ ଅପରେସନ ହକ୍‌ୟେ ଆରମ୍ଭ କରାଯାଇଥିଲା । ଆମେରିକା ଏବଂ ସହଯୋଗୀ ସୈନ୍ୟବାହିନୀ ସିରିଆର ୧୦୦ରୁ ଅଧିକ ଆଇଏସ୍ଆଇଏସ୍ ସ୍ଥଳୀକୁ ଆକ୍ରମଣ କରିଥିଲେ । ଗତବର୍ଷ ୩୦୦ରୁ ଅଧିକ ଆଇଏସ୍ଆଇଏସ୍ କର୍ମୀଙ୍କୁ ଗିରଫ କରାଯାଇଥିଲା ବୋଲି ଆମେରିକା କେନ୍ଦ୍ରୀୟ କମାଣ୍ଡ ସୂଚନା ଦେଇଛି ।

---

## ପାୱାର-ପଜିଟିଭ ପାଟ୍

ଦେଶର ବିଦ୍ୟୁତ୍ ବଣ୍ଟନ ଉପଯୋଗିତା କ୍ଷେତ୍ରଗୁଡ଼ିକ ଗତ ଆର୍ଥିକ ବର୍ଷରେ ଆବଶ୍ୟକ କର ପ୍ରଦାନ ପରେ ୨ହଜାର ୭୦୧ କୋଟି ଟଙ୍କାର ଲାଭ କରିଛନ୍ତି ବୋଲି ଶକ୍ତି ମନ୍ତ୍ରଣାଳୟ କହିଛି । ଏ କ୍ଷେତ୍ରରେ ଏହା ଏକ ରେକର୍ଡ ହୋଇଥିବା ଜଣାପଡିଛି । ମନ୍ତ୍ରଣାଳୟ କହିଛି ଗତ ୨୦୧୩-୧୪ ଆର୍ଥିକ ବର୍ଷରେ ଏ କ୍ଷେତ୍ରରେ ୬୭ହଜାର ୯୯୨ କୋଟି ଟଙ୍କା କ୍ଷତି

ହୋଇଥିବାବେଳେ ଏହା ତୁଳନାରେ ଗତ ଆର୍ଥିକ ବର୍ଷରେ ସକରାତ୍ମକ ପରିବର୍ତ୍ତନ ଘଟିଛି । ଶକ୍ତିମନ୍ତ୍ରୀ ମନୋହରଲାଲ କହିଛନ୍ତି ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରଗୁଡ଼ିକ ପାଇଁ ଏହା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ବଣ୍ଟନ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ସଫଳ ମୁକାବିଲା ଦ୍ୱାରା ଏଭଳି ସକରାତ୍ମକ ସୁଫଳ ମିଳିଥିବା ଶ୍ରୀ ଲାଲ କହିଛନ୍ତି । ସେ କହିଛନ୍ତି ବିଭିନ୍ନ ସଂସ୍କାର ଦ୍ୱାରା ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ହୋଇଥିବା ଏଭଳି ସକରାତ୍ମକ ପରିବର୍ତ୍ତନ ଦେଶର ଅଭିବୃଦ୍ଧି କ୍ଷେତ୍ରକୁ ସହଯୋଗ ପ୍ରଦାନ କରିବ ବୋଲି ଶ୍ରୀ ଲାଲ ଆଶାବ୍ୟକ୍ତ କରିଛନ୍ତି ।

## ଇଣ୍ଡିଆ-ନ୍ୟୁଜିଲ୍ୟାଣ୍ଡ ଓଡିଆଇ

ଭାରତ ଓ ନ୍ୟୁଜିଲ୍ୟାଣ୍ଡ ପୁରୁଷ ବର୍ଗ ଚଳିତ ୩ ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ କ୍ରିକେଟ୍ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଇନ୍ଦୋର ହୋଲକର ଷ୍ଟାଡିୟମ ଜାରି ରହିଛି । ଭାରତ ଟସ୍ ଜିତି ନ୍ୟୁଜିଲାଣ୍ଡକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ନ୍ୟୁଜିଲାଣ୍ଡ ୩ ଓଭରରେ ୨ଟି ୱିକେଟ୍ ହରାଇ ୧୧ ରନ୍ ସଂଗ୍ରହ କରିଛି । ଏହି ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ରେ ସମାନ ସ୍ତରରେ ରହିଛନ୍ତି ।

## ଆଇଏମ୍‌ଡି ଟ୍ରେନ୍ ଡିଲେଡ୍

ଦିଲ୍ଲୀ, ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଆସନ୍ତାକାଲି ପର୍ଯ୍ୟନ୍ତ ଅତି ଘନ କୁହୁଡି ପରିସ୍ଥିତି ଲାଗିରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ପୂର୍ବ ମଧ୍ୟପ୍ରଦେଶ, ଛତିଶଗଡ, ଓଡ଼ିଶା ଏବଂ ପୂର୍ବ ଉତ୍ତରପ୍ରଦେଶର କେତେକ ଅଞ୍ଚଳରେ ଶୀତ ଲହରୀ ପୂର୍ବପରି ଜାରି

ରହିଥିବା ପାଣିପାଗ ବିଭାଗ କହିଛି । ଆଗାମୀ ଦୁଇଦିନ ମଧ୍ୟରେ ଉତ୍ତରପଶ୍ଚିମ ଏବଂ ମଧ୍ୟଭାରତରେ ସର୍ବନିମ୍ନ ତାପମାତ୍ରାରେ ପ୍ରାୟ ୨ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି । ଘନ କୁହୁଡି ପରିସ୍ଥିତି ନେଇ ଦେଶର ବିଭିନ୍ନ ସ୍ଥାନରେ ଆଜି ଟ୍ରେନ୍ ସେବା କିଛି ପରିମାଣରେ ବାଧାପ୍ରାପ୍ତ ହୋଇଛି । ଭାରତୀୟ ରେଳବାଇ ଦେଇଥିବା ସୂଚନା ଅନୁଯାୟୀ ଦିଲ୍ଲୀ ଯାଉଥିବା ୫୦ରୁ ଅଧିକ ଟ୍ରେନ୍ ବିଳମ୍ବରେ ଚାଲିଛି । ଯାତ୍ରା ଆରମ୍ଭ କରିବା ପୂର୍ବରୁ ଟ୍ରେନ୍‌ର ସର୍ବଶେଷ ସ୍ଥିତି ଯାଞ୍ଚ କରିବାରୁ ରେଳବାଇ ପକ୍ଷରୁ ଯାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି ।

.......................................................................................